ଓଡିଶା ପୋଲିସ,

ରାଜ୍ୟ ଆରକ୍ଷୀ ସଦର ମହକୁମା, କଟକ ।

-୦-୦-୦-

ଜ୍ଞାପକ ସଂଖ୍ୟା:ଭି-୪-୨୦୧୬/ ୫୧୩୫୦ /ଅମଲା ତା: ୧୪-୧୨-୨୦୨୨

ଏହାର ଏକକିତା ନକଲ ସମସ୍ତ ପୋଲିସ ଅନୁଷ୍ଠାନ, ଓଡିଶା / ଉପବିଭାଗ, ରାଜ୍ୟ ଆରକ୍ଷୀ ନିର୍ଦ୍ଦେଶାଳୟ, କଟକ / ଆବାସିକ ଉପବିଭାଗ, ରାଜ୍ୟ ଆରକ୍ଷୀ ନିର୍ଦ୍ଦେଶାଳୟ, କଟକଙ୍କ ଅବଗତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,

ରାଜ୍ୟ ଆରକ୍ଷୀ ସଦର ମହକୁମା,

ଓଡିଶା, କଟକ

# ଓଡ଼ିଶା ସରକାର
## ସ୍ୱରାଷ୍ଟ୍ର ବିଭାଗ

***

ସ୍ୱରାଷ୍ଟ୍ର-କା.ପ୍ର.୨-ବିବିଧ-୦୦୧୨-୨୦୧୮ / ତା.

ଙ୍କ,

ଶ୍ରୀ ନରୋତ୍ତମ ମହାନ୍ତି

ଅନୁଶାସନ ସଚିବ

ପ୍ରାପକ,

ଆରକ୍ଷୀ ମହାନିର୍ଦ୍ଦେଶକ, ଓଡ଼ିଶା, କଟକ।

ମୁଖ୍ୟ ଆବାସିକ ଆୟୁକ୍ତ,ଓଡ଼ିଶା ଭବନ,ନୂଆଦିଲ୍ଲୀ ।

ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ପ୍ରମୁଖ ଶାସନ ସଚିବ,ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ ।

ମହାନିର୍ଦ୍ଦେଶକ, ଅଗ୍ନିସେବା, ମହାଦୁର୍ଗପତି, ଗୃହରକ୍ଷୀ ଏବଂ ନିର୍ଦ୍ଦେଶକ, ବେସାମରିକ ସେବା, ଓଡ଼ିଶା, କଟକ ।

ନିର୍ଦ୍ଦେଶକ (ଗୁଇନ୍ଦା), ଓଡ଼ିଶା, ଭୁବନେଶ୍ୱର।

କାରାଗାର ମହାନିର୍ଦ୍ଦେଶକ - ତଥା - ନିର୍ଦ୍ଦେଶକ ସଂସ୍କାର ସେବା ସଂସ୍ଥା, ଓଡ଼ିଶା,ଭୁବନେଶ୍ୱର ।

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ ଲି଼ଃ,ଭୁବନେଶ୍ୱର।

ନିର୍ଦ୍ଦେଶକ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ଓଡ଼ିଶା, କଟକ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଜନ, ଓଡ଼ିଶା ,ଭୁବନେଶ୍ୱର।

ସଚିବ, ରାଜ୍ୟ ସୈନିକ ବୋର୍ଡ, ଓଡ଼ିଶା, ଭୁବନେଶ୍ୱର ।

ଅଧ୍ୟକ୍ଷ, ଓଡ଼ିଶା ସଚିବାଳୟ ତାଲିମ ପ୍ରତିଷ୍ଠାନ, ଓଡ଼ିଶା, ଭୁବନେଶ୍ୱର ।

ଅଧ୍ୟକ୍ଷ,ଓଡ଼ିଶା କ୍ଷିପ୍ରଲିପିକ ଓ ମୁଦ୍ରାଲିପି ପ୍ରତିଷ୍ଠାନ,ଓଡ଼ିଶା,ଭୁବନେଶ୍ୱର।

ବିଷୟ :- ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖାଯିବା ସମ୍ପର୍କରେ।

ମହାଶୟ/ମହଶୟା,

ନିର୍ଦ୍ଦେଶକ୍ରମେ, ମୁଁ ଏଥି ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ତା ୨୮/୧୧/୨୦୨୨ ରିଖ ପତ୍ର ସଂଖ୍ୟା ୫୨୧ ର ଏକକିତା ନକଲ ସଂଲଗ୍ନ କରି ଅନୁରୋଧ କରୁଅଛି ଯେ ସଂପୃକ୍ତ ବିଷୟରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସନ୍ତା ତିନି ସପ୍ତାହ ମଧ୍ୟରେ ଏକ ଅନୁପାଳନ ରିପୋର୍ଟ ଏହି ବିଭାଗକୁ ପଠାଇଲେ ତାହା ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ପ୍ରେରଣ କରାଯିବ ।

ଆପଣଙ୍କ ବିଶ୍ୱସ୍ତ

ଅନୁଶାସନ ସଚିବ

ପ.ପୃ.ଦ୍ର

ସତ୍ୟବ୍ରତ ସାହୁ, ଭା.ପ୍ର.ସେ
ଅତିରିକ୍ତ ମୁଖ୍ୟ ଶାସନ ସଚିବ

HOME DEPARTMENT
01 DEC 2022
OSWAS Dy.No.
GOVT. OF ODISHA

ପତ୍ରସଂଖ୍ୟା ୫୬୭୧ /ଓଭାସାସ
ତାରିଖ ୨୯/୧୧/୨୨

ପ୍ରାପକ :

ସମସ୍ତ ବିଭାଗ
ଅତିରିକ୍ତ ମୁଖ୍ୟ ଶାସନ ସଚିବ /ପ୍ରମୁଖ ଶାସନ ସଚିବ /କମିଶନର-ତଥା-ଶାସନ ସଚିବ /ସମସ୍ତ ଜିଲ୍ଲାପାଳ

ବିଷୟ : ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନାମଫଳକ ଲେଖାଯିବା ସମ୍ପର୍କରେ ।

ସୂଚନା : ଏହି ବିଭାଗ ପତ୍ରସଂଖ୍ୟା-୩୩୧୫, ତା୨୭.୪.୨୨ରିଖ, ସଂଖ୍ୟା-୩୩୧୬, ତା୨୭.୪.୨୨ରିଖ, ସଂଖ୍ୟା-୩୭୧୭, ତା୧୭.୫.୨୨ରିଖ, ସଂଖ୍ୟା-୩୭୯୬, ତା୧୭.୫.୨୨ରିଖ, ସଂଖ୍ୟା-୩୭୯୭, ତା୧୭.୫.୨୨ରିଖ ଏବଂ ସଂଖ୍ୟା-୩୭୯୮, ତା୧୭.୫.୨୨ରିଖ ।

ମହାଶୟା/ ମହାଶୟ,

ଉପରୋକ୍ତ ବିଷୟ ଓ ଉଲ୍ଲିଖିତ ସୂଚନା ଅନୁଯାୟୀ ଆପଣଙ୍କ ଦୃଷ୍ଟି ଆକର୍ଷଣ କରି ଜଣାଇବାକୁ ଚାହେଁ ଯେ, ସମସ୍ତ ସରକାରୀ, ବେସରକାରୀ ଓ ଅର୍ଦ୍ଧସରକାରୀ କାର୍ଯ୍ୟାଳୟରେ (କ) ନାମଫଳକ, (ଖ) ବିଜ୍ଞାପନ, (ଗ) କାର୍ଯ୍ୟାଳୟର ଭାଷା ଓଡ଼ିଆ ହେବା ପାଇଁ ସରକାରୀସ୍ତରରେ ସିଦ୍ଧାନ୍ତ ହୋଇଛି। ଭାରତର ପ୍ରତ୍ୟେକ ରାଜ୍ୟରେ ଇଂରାଜୀ ଭାଷା ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦିଆଯାଇଥିବାରୁ ଆମ ରାଜ୍ୟରେ ମଧ୍ୟ ଓଡ଼ିଆ ଭାଷାର ପ୍ରଚଳନ ତଦନୁଯାୟୀ ଆବଶ୍ୟକ ଅଟେ ।

ଏଣୁ ସମସ୍ତ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ତଥା ନଥି ପରିଚାଳନା, ସମସ୍ତ ଦୋକାନ ବଜାରରେ ବ୍ୟବହୃତ ହେଉଥିବା ସାଇନବୋର୍ଡ଼ର ନାମଫଳକଗୁଡ଼ିକ ଓଡ଼ିଆ ଭାଷାରେ ଲେଖାଯିବା ପାଇଁ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ କାର୍ଯ୍ୟାଳୟକୁ ପତ୍ର ମାଧ୍ୟମରେ ବହୁବାର ଅବଗତ କରାଯାଇଅଛି ।

ଏଣୁ ଓଡ଼ିଆ ଜାତିର ଗୌରବ ଏବଂ ଓଡ଼ିଆ ଭାଷାର ସମ୍ମାନ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆପଣ ଏହାକୁ ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ନେବା ସହିତ ଏ ସଂକ୍ରାନ୍ତରେ ୩୦ଦିନ ମଧ୍ୟରେ ଏହାର ଅନୁପାଳନ କରାଯାଇ ସରକାରଙ୍କ ଅବଗତି ନିମନ୍ତେ ଜଣାଇବା ପାଇଁ ଅନୁରୋଧ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ